## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଗୁଣପୁର,୨୭।୫(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପର ସହର କୁମ୍ଭାରସାହିସ୍ଥିତ ବଂଶଧାରା ନଦୀକୂଳରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଗୋଟିଏ ଗୋଡ ରହିଛି। ଦୀକୂଳର ଏକ ଆଶାବାଡି ମିଳିଛି । ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରାଥମିକ ତଦନ୍ତରୁ ମୃତ ବ୍ୟକ୍ତି ଜଣଙ୍କ ସହରର ବିଭିନ୍ନ ସ୍ଥାନରେ ଭିକ୍ଷାବୃତ୍ତି କରୁଥିଲେ ବୋଲି ସୂଚନା ମିଳିଛି। ନଦୀରେ ବୁଡିଯାଇ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ହେଲେ ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡି ନାହିଁ।

### ଯୌତୁକଜନିତ ବଧୂହତ୍ୟା ମାମଲା, ସ୍ୱାମୀ ଗିରଫ

ବ୍ରହ୍ମପୁର ଅଫିସ,୨୭।୫: ଯୌତୁକଜନିତ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧୀରେନ୍ କୁମାର ପରିଡ଼ା, ଘର ପାଟପୁର ଥାନା ଦେଉଳପେଡ଼ି ଗ୍ରାମର। ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୨୦୨୨ ଫେବୃୟାରୀ ୧୮ରେ ପାଣ୍ଡିଆଝୋଲି ଗ୍ରାମର ଉମାଶଙ୍କର ରାଉତଙ୍କ ଝିଅ ଦିବ୍ୟାଦିପ୍ତୀ (୨୧)ଙ୍କୁ ପାଟପୁର ଥାନା ଅନ୍ତର୍ଗତ ଦେଉଳପେଡ଼ି ଗ୍ରାମର ଧୀରେନ୍ ପରିଡ଼ା ବିବାହ କରିଥିଲେ। ଧୀରେନ୍ ମୁମ୍ବାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିବାରୁ ବିବାହ ପରେ ସେ ସ୍ତ୍ରୀଙ୍କୁ ନେଇ ସେଠାକୁ ଚାଲିଯାଇଥିଲେ। କିନ୍ତୁ ମନୋମାଳିନ୍ୟ ହେବାରୁ ଦିବ୍ୟାଦିପ୍ତୀ ସେଠାରୁ ଫେରିଆସି ମା'ଙ୍କ ପାଖରେ ରହୁଥିଲେ। ତାଙ୍କ ମା' ପ୍ରତିମା ରାଉତ ବାଉଁଶିଆପଲ୍ଲୀ ନିକଟ ରାମଚନ୍ଦ୍ରପୁର ସ୍ଥିତ ଏକ କୁକୁଡ଼ା ଫାର୍ମରେ କାମ କରିବା ସହ ସେଠାରେ ରହୁଥିଲେ। ଗତ ୨୫ତାରିଖ ରାତି ପ୍ରାୟ ୧୨ଟାରେ ଛାତ ତଳେ ଦିବ୍ୟାଦିପ୍ତୀଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଥିଲା।

# ବାଇସିଂ ଗ୍ରାମର ବିକାଶ ପାଇଁ ୩ ସୂତ୍ରୀ ଯୋଜନା ଗୃହୀତ

ରାୟଗଡ଼ା ଅଫିସ,୨୭।୫

ରାୟଗଡ଼ା ସଦର ବ୍ଲକ ଅଧୀନ ବାଇସିଂ ପଞ୍ଚାୟତର ସାମଗ୍ରିକ ଉନ୍ନତି ପାଇଁ ଅନେକ ଥର ଦାବି ହୋଇ ଆସୁଥିଲା। ଏହାର ଆବଶ୍ୟକତା ଅନୁଭବକରି ଶନିବାର ରାୟଗଡ଼ାର ସାମାଜିକ କର୍ମୀଙ୍କ ନେତୃତ୍ୱରେ ବାଇସିଂ ପଞ୍ଚାୟତର ବିକାଶ ପାଇଁ ଗ୍ରାମସଭାରେ ୩ ସୂତ୍ରୀ ଯୋଜନା ଗୃହୀତ ହୋଇଛି। ଏହା ଆଗାମୀ ଦିନରେ କାର୍ଯ୍ୟକାରୀ ହେବା ସହିତ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ଅଞ୍ଚଳର ବିକାଶ ପାଇଁ ଉଦ୍ୟମ ହେବ ବୋଲି ଜଣାପଡ଼ିଛି। ରାୟଗଡ଼ା ସଦର ବ୍ଲକ ଅଧୀନ ବାଇସିଂ ପଞ୍ଚାୟତରେ ୧୪ ଗ୍ରାମ ରହିଛି। ତେବେ ଉକ୍ତ ଗାଁଗୁଡିକ ଆଦିବାସୀ ଅଧ୍ୟୁଷିତ ଥିବାରୁ ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇପାରୁ ନାହାନ୍ତି। ଅନେକ ସମୟରେ ସରକାରୀ ଅଧିକାରୀ ମଧ୍ୟ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନ କରିବାରୁ ଲୋକଙ୍କ ସମସ୍ୟା ସମାଧାନ ହୋଇ ନ ଥାଏ। ବର୍ତ୍ତମାନ ଗ୍ରାମବସୀଙ୍କ ଲାଗି ପ୍ରଣିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସକ୍ରିୟ ଭାବେ କାର୍ଯ୍ୟକାରୀ ନିମନ୍ତେ ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ୩ ସୂତ୍ରୀ ଯୋଜନା ପ୍ରସ୍ତୁତ ହୋଇଛି ।



ବାଇସିଂ ଗ୍ରାମର ବିକାଶ ପାଇଁ ଲୋକମାନଙ୍କ ସହ ଆଲୋଚନା କରାଯାଉଛି ।

ବାଇସିଂକୁ ଆଦର୍ଶ ପଞ୍ଚାୟତ ଭାବେ ରୂପାନ୍ତରଣ ନିମନ୍ତେ ଗ୍ରାମ ସଭାରେ ଆଲୋଚନା ହୋଇଥିଲା। ଏଥିପାଇଁ ଆସନ୍ତା କିଛିଦିନ ମଧ୍ୟରେ ୧୪ ଗାଁ ମଧ୍ୟରେ ୨ ଜଣିଆ ଲେଖାଏ ସଦସ୍ୟଙ୍କୁ ନେଇ ପଞ୍ଚାୟତସ୍ତରରେ କମିଟି ଗଠନ ହେବ। ସେହିପରି ଗାଁରେ କିଭଳି ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେବ ସେନେଇ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏବଂ ସରପଞ୍ଚଙ୍କୁ ନେଇ କମିଟି ଗଠନ ହେବ। ତେବେ ଉକ୍ତ କମିଟି ସଦସ୍ୟମାନେ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗସୂତ୍ର ସ୍ଥାପନ କରି ଗାଁରେ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ନିମିତ୍ତ ସକ୍ରିୟ ଭୂମିକା ନିର୍ବାହ କରିବେ।

ଗାଁରେ ରାସ୍ତା ନିର୍ମାଣ, ଆବାସ ଯୋଜନା ଅନ୍ତର୍ଗତ ଗୃହ, ବୃଦ୍ଧ, ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ଇତ୍ୟାଦି କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଆଗାମୀ ଦିନରେ ପଞ୍ଚାୟତକୁ ଜିଲାରେ ଆଦର୍ଶ ପଞ୍ଚାୟତ ଭାବେ ଗଠନ କରିବାକୁ ଗ୍ରାମସଭାରେ ଆଲୋଚନା ହୋଇଥିଲା। ଏଥି ନିମନ୍ତେ ସମସ୍ତ ପ୍ରଶାସନିକ ସହଯୋଗ ପ୍ରଦାନ କରିବାକୁ ରାୟଗଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାବତ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତରେ ତ୍ୱରିତ ଭାବେ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେବା ସହିତ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ ପାଇଁ ଉଦ୍ୟମ ହେବା ନେଇ ଗ୍ରାମସଭାରେ ଯୋଗଦେଇଥିବା ଅତିଥିମାନେ କହିଥିଲେ।

ବିଡିଓ ଲକ୍ଷ୍ମୀନାରାୟଣ ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିକ୍ରମ ପାଣିଗ୍ରାହୀ, ବରିଷ୍ଠ ସାମାଜିକ କର୍ମୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି, ଆଇନଜୀବୀ ମଙ୍ଗଳ ମୂର୍ତ୍ତି ବେଉରିଆ, ସରପଞ୍ଚ ବିନିମା ମାଝି, ଯୁବନେତା କ୍ରିଷ୍ଣା ତାଡିଙ୍ଗି ଏବଂ ଉପସହକାରୀ ଜିଲାପାଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

# ଗୌରୀ ହତ୍ୟା ଘଟଣା, ୩ ଜଣଙ୍କ ପଲିଗ୍ରାଫ ଟେଷ୍ଟ

ଗୁଣପୁର,୨୭।୫(ଡି.ଏନ.ଏ)

ରାୟଗଡା ଜିଲା ଗୁଣପର ସହର ବଂଶଧାରା ନଦୀ ପୋଲ ଉପରେ ଆଶା ସଂସ୍ଥା ନିର୍ଦ୍ଦେଶକ ଗୌରୀ ମିଶ୍ରଙ୍କୁ ଅଜଣା ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଘଟଣାର ୧୫ ଦିନ ବିତିଥିଲେ ମଧ୍ୟ ପୋଲିସ ହତ୍ୟାର କାରଣ ଏବଂ ହତ୍ୟାକାରୀଙ୍କର କୌଣସି ସନ୍ଧାନ ପାଇପାରି ନାହିଁ। ଏହି କ୍ରମରେ ଗୌରୀଙ୍କ ସାଙ୍ଗ ଅକ୍ଷୟ ଦାସ ଓ ଅଶୋକ ରଥ ଏବଂ ସଂସ୍ଥାର ଜୈନକ କର୍ମଚାରୀ ବେଣୁଙ୍କର ଶନିବାର ଭୁବନେଶ୍ୱରରେ ପଲିଗ୍ରାଫ୍ ଟେଷ୍ଟ ହୋଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ଏନେଇ କୌଣସି ପ୍ରମାଣ ପାଇପାରି ନାହିଁ।

ସୂଚନାଯୋଗ୍ୟ, ଗୌରୀ ତାଙ୍କ ସାଙ୍ଗ ଅକ୍ଷୟ, ଅଶୋକ ଏବଂ ସତ୍ୟ ଶତପଥି ଘଟଣା ଦିନ ରାତିରେ ବଂଶଧାରା ନଦୀ ପୋଲ ପାଖକୁ ବୁଲିବାକୁ ଯାଇଥିଲେ। ଗୌରୀ ଘରକୁ ଫେରିବା ପାଇଁ ବାଇକ୍‌ରେ ବସିଥିବା ବେଳେ କେହି ଅଜଣା ବ୍ୟକ୍ତି ତାଙ୍କୁ ନିକଟରୁ ଗୁଳି କରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ସେ ଟଳି ପଡିଥିଲେ ।

# ବାଇକ୍ କିଣିବାକୁ ଗଞ୍ଜେଇ ଚାଲାଣ, ଜଣେ ଗିରଫ


ପୋଲିସ ସହ ଗିରଫ ଅଭିଯୁକ୍ତ ।

ରାୟଗଡ଼ା ଅଫିସ,୨୭।୫

ରାୟଗଡ଼ା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କର ତତ୍ତ୍ୱାବଧାନରେ ଶନିବାର ପାଟ୍ରୋଲିଂ ସମୟରେ ଆର୍‌ପିଏଫ୍ ପୋଲିସ ଏବଂ ରାୟଗଡ଼ା ଅବକାରୀ ବିଭାଗର ମିଳିତ ଉଦ୍ୟମରେ ରାୟଗଡ଼ା ରେଳ ଷ୍ଟେଶନରୁ ୨୪ କିଲୋ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରାଫ କରାଯାଇଛି। ସେ ହେଉଛନ୍ତି କୋରାପୁଟ ଜିଲା ସୁନାବେଡ଼ା ଅଞ୍ଚଳର ସନ୍ତୋଷ ବଡ଼ନାୟକ(୨୧)। ବାଇକ୍ କିଣିବା ପାଇଁ ସନ୍ତୋଷଙ୍କୁ ୧୨ହଜାର ଟଙ୍କା ଦରକାର ଥିଲା। ବିଟୁ ନାମକ ଜଣେ ବ୍ୟକ୍ତି ତାଙ୍କୁ ଟଙ୍କା ଦେବେ ବୋଲି କହିଥିଲେ। ଏହା ବଦଳରେ ତାଙ୍କର ଏକ ଟ୍ରଲି ବ୍ୟାଗ୍‌କୁ ରାୟଗଡ଼ା ରେଳ ଷ୍ଟେଶନରେ ଅପରାହ୍ନ ୪ଟାରେ ଦେବାକୁ କହିଥିଲେ। ସେଥିପାଇଁ ସନ୍ତୋଷ ସେହି ବ୍ୟାଗ୍‌କୁ ରାୟଗଡ଼ାରେ ପହଞ୍ଚାଇବାକୁ ଆସିଥିଲେ। ଷ୍ଟେଶନ ଭିତରକୁ ପ୍ରବେଶ କରିବା ସମୟରେ ତାଙ୍କୁ ପୋଲିସ ସନ୍ଦେହରେ ଯାଞ୍ଚ କରିବାରୁ ତାଙ୍କ ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହା ପରେ ସନ୍ତୋଷଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରାଯାଇଛି। କେସ୍ ନଂ. ୩୨/୨୩-୨୪ରେ ତାଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ଆଇଆଇସି ସୀମା କିରନ ବେକ ସୂଚନା ଦେଇଛନ୍ତି। ଏନେଇ ଅଞ୍ଜିଆ ପେଟାଠାରେ ଥିବା ଅବକାରୀ ଥାନାରେ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି ।

# କାଳବୈଶାଖୀ ଝଡ଼ ହେଲା କାଳ: ୪ ପ୍ରାଣୀ ସରକାରଙ୍କୁ କଲେ ଗୁହାରି

ଟିକିରି,୧୭।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତ ସାଗବାରି ଗ୍ରାମରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ହୋଇଥିଲା। ଏଥିରେ ଆଜାଦ ନାଏକଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଝଡ଼ପବନ ସମୟରେ ଆଜାଦ ଓ ତାଙ୍କ ପରିବାର ଲୋକେ ବିଶ୍ରାମ ନେଉଥିଲେ। ହଠାତ୍ ଝଡ଼ ବାତ୍ୟା ଆସିଥିଲା। ଫଳରେ ତାଙ୍କ ଘରର ଛାତ ଆଜବେଷ୍ଟସ୍ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯିବା ସହ ଘରର ଖାଦ୍ୟପେୟ,ଆସବାବପତ୍ର ସମେତ ସମସ୍ତ ସାମଗ୍ରୀ ନଷ୍ଟ ହୋଇଯାଇଛି । ଏଥିରେ ପରିବାର ଲୋକଙ୍କର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। କେରଳରେ ଦାଦନ ଖଟି ସେ ବହୁ ପରିଶ୍ରମକରି ଘର ଖଣ୍ଡେ କରିଥିଲେ। କାଳବୈଶାଖୀରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେ ଗରିବ ଶ୍ରେଣୀର ହୋଇଥିବାରୁ ସରକାର କ୍ଷତିପୂରଣ ଦେବାକୁ ଆଜାଦ୍ ଦାବି କରିଛନ୍ତି ।


କାଳବୈଶାଖୀରେ ନଷ୍ଟ ହୋଇଯାଇଥିବା ଘର ଆଜବେଷ୍ଟସ୍ ।

# ନାବାଳିକା ଅପହରଣ

ଗୋପାଳପୁର,୨୭।୫(ଡି.ଏନ.ଏ.):

ଗୋଳନ୍ଥରା ଥାନା ଅଞ୍ଚଳରେ ଶନିବାର ଜଣେ ଦଶମ ଶ୍ରେଣୀ ପାସ୍ କରିଥିବା ନାବାଳିକା ଅପହରଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପରିବାର ଲୋକ ଉଠିବା ବେଳେ ଘରେ ନାବାଳିକା ଝିଅକୁ ଦେଖିବାକୁ ପାଇନଥିଲେ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇନଥିଲେ। ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅପହରଣ ମାମଲା ରୁଜୁ କରିଛି। ଅପହରଣକାରୀଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ହାଟରେ ଆଦିବାସୀ ଫଟୋ ପ୍ରଦର୍ଶନୀ

କୋରାପୁଟ/ଅନକାଡେଲି,୨୭।୫(ସ୍ୱ.ପ୍ର.)

କୋରାପୁଟ ଜିଲାର ଅନକାଡେଲି ହାଟରେ ଅଧିକାଂଶ ବଣ୍ଡା ଜନଜାତି ଏକାଠି ହୋଇଥାନ୍ତି। ସେମାନଙ୍କ ଫଟୋ ନେଇ ପ୍ରତିବର୍ଷ ଏଠାରେ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ମଧ୍ୟ ଫଟୋଗ୍ରାଫର ସତୀଶ ଲାଲ ସେଠାରେ ଏକ ଫଟୋ ପ୍ରଦର୍ଶନୀ କରିଛନ୍ତି।ଓଡିଶା ଇକୋ ଟୁରିଜିମ ଫାଉଣ୍ଡେସନ ସହଯୋଗରେ ମୋ ସଂସ୍କୃତି ମୋ ଗର୍ବ ଉଦ୍ଦେଶ୍ୟରେ ନେଇ ଆୟୋଜିତ ଆଦିବାସୀ ଫଟୋ ପ୍ରଦର୍ଶନୀ ଅବସରରେ ସେହି ହାଟକୁ ଆସୁଥିବା କିଛି ବଣ୍ଡା ମହିଳାଙ୍କ ଫଟୋ ଯାହାକି ଅତୀତରେ ଉତୋଳନ କରାଯାଇଥିଲା ତାକୁ ସୁନ୍ଦର ଭାବରେ ବନ୍ଧାଇ ସେମାନଙ୍କୁ ବାଣ୍ଟିଛନ୍ତି। ନିଜକୁ ସୁନ୍ଦର ଫଟୋ ମାଧ୍ୟମରେ ଦେଖି ଆଦିବାସୀ ମହିଳାମାନେ ଖୁସି ବ୍ୟକ୍ତ କରିଛନ୍ତି।

୧୨ ବର୍ଷ ଧରି ୧୮ଟି ରାଜ୍ୟର ୪୦ରୁ ଅଧିକ ଆଦିବାସୀ ଜନଜାତିଙ୍କ ଜୀବନ ଧାରା ଓ ଚାଲି ଚଳଣୀକୁ କ୍ୟାମେରାରେ କଏଦ କରିଛନ୍ତି ଫଟୋଗ୍ରାଫର ସତୀଶ। ଆଦିବାସୀଙ୍କୁ ଅତି ନିକଟରୁ ଦେଖିବାର ସୁଯୋଗ ପାଉଥିବା ସତୀଶ ଦେଶର ଅନେକ ସ୍ଥାନରେ ଆଦିବାସୀ ଫୋଟ ପ୍ରଦର୍ଶନୀ କରିଛନ୍ତି। ଏବେ ଆଦିବାସୀଙ୍କ ହାଟରେ ଦେଶର ବିଭିନ୍ନ ଆଦିବାସୀ ଜନଜୀବନକୁ ପ୍ରଦର୍ଶିତ କରି ଖୁସି ମିଳୁଥିବା ସେ କହିଛନ୍ତି। ଆଦିବାସୀ ଜନଜାତୀଙ୍କ କଳାକୃତି, ବେଶ ଭୁଷା, ଗହଣା ଓ ସେମାନଙ୍କ ଜୀବନ ଶୈଳୀକୁ ନେଇ ଗର୍ବ କରିବା ପାଇଁ ପ୍ରେରଣା ଯୋଗାଇଥିବା ଓଡ଼ିଶା ଇକୋ ଟୁରିଜିମ ଫାଉଣ୍ଡେଶନ ନିର୍ଦ୍ଦେଶକ ଯୁଗବ୍ରତ କର କହିଛନ୍ତି।


ସତୀଶ ବଣ୍ଡା ଜନଜାତି ମହିଳା ଓ ଅନ୍ୟମାନଙ୍କ ସହ ସେଲ୍‌ଫି ନେଉଛନ୍ତି।

# ପୂର୍ବତନ ଏମ୍‌ପି ଦେଲେ ଗୁରୁମନ୍ତ୍ର

ରାୟଗଡ଼ା ଅଫିସ,୨୭।୫

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କରରାଓଙ୍କ ନେତୃତ୍ୱରେ ନିଜ ବାସଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାସ୍କରରାଓ ୨୦୨୪ ନିର୍ବାଚନ ଲଢ଼ିବା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ପ୍ରତ୍ୟେକ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ପାଇଁ କରିଥିବା ସୁବିଧା ବିଷୟରେ ଲୋକଙ୍କୁ ଅବଗତ କରିବା ସହ ଆଗାମୀ ଦିନରେ ଏକ ଫର୍ମ ପ୍ରତ୍ୟେକ ଘରେ କର୍ମୀମାନେ ଏହାକୁ ପୂରଣ କରାଇ ଆଣିବେ। ସରକାରଙ୍କର ସୁବିଧା ଲୋକେ ପାଉଛନ୍ତି ନା ନାହିଁ ଆଗାମୀ ଦିନରେ କ'ଣ ଆବଶ୍ୟକତା ଲୋକଙ୍କର ରହିଛି ସମସ୍ତ ବିଷୟ ସେହି ଫର୍ମରେ ରହିବ ବୋଲି କହିଛନ୍ତି । କାଶୀପୁର ବ୍ଲକ ପାଇଁ ଅନେକ ଟଙ୍କା ସରକାରଙ୍କ ଦ୍ୱାରା ଦିଆଯାଉଛି ହେଲେ ବିକାଶ ହେଉନାହିଁ । ତେଣୁ ସାହୁକାର ଅଧୀନରେ ରହିବା ଛାଡ଼ି ନିଜେ ନିଜକୁ ଶାସନ ନୀତିକୁ ଆପଣାନ୍ତୁ ବୋଲି ଭାସ୍କରରାଓ କହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ କାଶୀପୁର ଏବଂ ରାୟଗଡ଼ା ନିର୍ବାଚନମଣ୍ଡଳୀ ଏକ ହେବାକୁ ପଡିବ। ଆମେ ଏକ ହେଲେ ଆମକୁ କେହି ପରାସ୍ତ କରିପାରିବେ ନାହିଁ ବୋଲି ସେ କହିଛନ୍ତି । କିପରି ଆଗାମୀ ନିର୍ବାଚନରେ ଦଳ ସୁଦୃଢ଼ ହେବ ସେ ନେଇ କାଶୀପୁରର ବିଜେଡି ନେତା ଓ କର୍ମୀମାନେ ଗୁରୁମନ୍ତ୍ର ପାଇଛନ୍ତି । କାର୍ଯ୍ୟକ୍ରମରେ କାଶୀପୁର ବ୍ଲକ ୨୪ ପଞ୍ଚାୟତର ଲୋକେ ସାମିଲ ଥିଲେ । ବିଜେଡି ବ୍ଲକ ସଭାପତି ତଥା ବରିଷ୍ଠ ବିଜେଡି ନେତା ବିନୋଦ ନାୟକ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ପ୍ରମୁଖ ମଞ୍ଚାସୀନ ଥିଲେ।



ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଓ ଅନ୍ୟମାନେ ।



## ସଂକ୍ଷେପରେ

### ସ୍କୁଟିରେ ଗଞ୍ଜେଇ ଚାଲାଣ, ୨ ଗିରଫ

ମାଲକାନଗିର,୨୭।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ସ୍କୁଟିରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଜାଣି ସ୍କୁଟି, ଗଞ୍ଜେଇ ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ଅଜୟ ମଣ୍ଡଳ ଓ ବାବୁରାମ ରାୟ। ତାଙ୍କ ନିକଟରୁ ମୋବାଇଲ ଫୋନ ଜବତ କରାଯାଇଛି । ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି । ସୂଚନାନୁଯାୟୀ, କାଲିମେଳା ପୋଲିସ କାଲିମେଳା ଥାନା ଅନ୍ତର୍ଗତ ଏମ୍.ଭି. ୧୯ ଗ୍ରାମ ନିକଟରେ ଶନିବାର ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ସ୍କୁଟିରେ ୨ ଜଣ ଆସୁଥିବା ଦେଖି ସନ୍ଦେହରେ ଅଟକାଇ ଯାଞ୍ଚ ବେଳେ ସେଥିରେ ଗୋଟିଏ ବସ୍ତାରେ ୨୫ କେଜି ଗଞ୍ଜେଇ ଥିବା ଜାଣିପାରି ଜବତ କରି ୨ ଜଣଙ୍କୁ ଗିରଫ କରିଛି ।

### କଲେଜ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଗୁଣପୁର,୨୭।୫(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପୁର ବ୍ଲକ ଏବଂ ସହରରେ ଥିବା ଦୁଇଟି ଯୁକ୍ତ ୨ କଲେଜ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆୟାରାମା ଜୁନିୟର ମହିଳା ମହାବିଦ୍ୟାଳୟ ଏବଂ ଡମ୍ବସରା ଯୁକ୍ତ ୨ କଲେଜ ଅଧକ୍ଷ, ମୁଖ୍ୟ କିରାଣି ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କ୍ରମରେ ସେମାନଙ୍କ ମେ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ ସେମାନଙ୍କ ପୂର୍ବରୁ ବିଭିନ୍ନ ସମୟରେ ପ୍ରଦାନ କରାଯାଇଥିବା କାର୍ଯ୍ୟର ଉତ୍ତର ନ ରଖିବା ପର୍ଯ୍ୟନ୍ତ ଏବଂ ବିଭାଗ ପକ୍ଷରୁ ପୁଣି ଥରେ କୌଣସି ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ ବୋଲି ଉଲ୍ଲେଖ ରହିଛି।

### ରନ୍ଧାମଦ ଜବତ, ୪ ଗିରଫ

ଆସିକା, ୨୭।୫(ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମରେ ଶନିବାର ପୋଲିସ ରନ୍ଧାମଦ ଭାଟି ଉପରେ ଚଢ଼ାଉ କରିଥିଲା । ୨ଶହ ଲିଟର ରନ୍ଧାମଦ ଜବତ କରିଥିବା ବେଳେ ପ୍ରାୟ ୧ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଜଣେ ମହିଳାଙ୍କ ସମେତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲଣ୍ଡାଜୁଆଳି ଗ୍ରାମର ସୂର୍ଯ୍ୟ ନାୟକ, ମନୋଜ ନାୟକ, ଜେ. ରାଜେଶ୍ୱରୀ ଓ ଏନ. ଶ୍ରୀନିବାସ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଗାଙ୍ଗପୁର ଥାନାରେ ୩୯୧, ୩୯୨, ୩୯୩ ଓ ୩୯୪/୨୩ରେ ୪ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ପୋଲିସ ଏହି ଚଢ଼ାଉ ବେଳେ ୫ଟି ଛୋଟ ମଦ ଭାଟି ମଧ ଭାଙ୍ଗିରୁଜି ନଷ୍ଟ କରିଥିବା ଜଣାପଡ଼ିଛି।

### ଘରୁ ୩ ଦେଶୀ ବନ୍ଧୁକ ଜବତ

ପାରଳାଖେମୁଣ୍ଡି/ଆରଉଦୟଗିରି, ୨୭।୫ (ଡି.ଏନ୍.ଏ): ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବୁଢାନିଲିଡ୍ ଗ୍ରାମରେ ପୋଲିସ ଚଢ଼ାଉ କରି ୩ଟି ଦେଶୀ ବନ୍ଧୁକ ଜବତ କରିଛି। ପ୍ରମୋଦ ମଲିକଙ୍କ ଘରେ ଦେଶୀ ବନ୍ଧୁକ ଥିବା ଖବର ପାଇ ପୋଲିସର ଏକ ଟିମ ଚଢ଼ାଉ କରିଥିଲା। ପ୍ରମୋଦ ଫେରାର ହୋଇଯାଇଥିବା ଜଣାପଡିଛି। ଶିକାର ଉଦ୍ଦେଶ୍ୟରେ ଉକ୍ତ ବନ୍ଧୁକ ଗୁଡିକ ରଖାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ଅଡବା ଥାନାରେ ନଂ ୭୯/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ବିପଦକୁ ଡାକୁଛି ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର

ବୁଗୁଡ଼ା,୨୭।୫(ଡି.ଏନ.ଏ.): ଖୋଲାମେଲାରେ ରହିଛି ବିଦ୍ୟୁତ ଟ୍ରାନ୍ସଫରମର, ତାହା ପୁଣି ଲଟାବୁଦାରେ ପରିପୂର୍ଣ୍ଣ, ଯାହା ବିପଦକୁ ହାତ ଠାରି ଡାକୁଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ ମାଣିକ୍ୟପୁର ଗାଁ ରାସ୍ତା କଡରେ। ଗାଁ ମୁହଁ ରାସ୍ତା କଡରେ ଥିବା ଏହି ଲଟାବୁଦା ଘେରା ଟ୍ରାନ୍ସଫର୍ମର ଯୋଗୁଁ ବର୍ଷା ହେଲେ ଗଛରେ ବିଦ୍ୟୁତ ପ୍ରବାହ ହେଉଛି। ସେହି ପାଖ ଦେଇ ଗାଈଗୋରୁ ଏବଂ ଲୋକେ ଯାତାୟତ କରୁଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ସେ ନେଇ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ଯତ୍ନବାନ ହେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଉଚ୍ଚ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ପିଇଓ ସମାଧାନକଲେ ଦାମଦରଗୁଡ଼ା ଗାଁ ଲୋକଙ୍କ ସମସ୍ୟା

**ମାଥିଲି,୨୭।୫(ଡି.ଏନ୍.ଏ.)**

ବିକାଶ ଦେଖି ନ ଥିଲା ମାଲକାନଗିରି ଜିଲା ମାଥିଲି ବ୍ଲକ ଦାମଦରଗୁଡ଼ା ଗାଁ। ଏଠାରେ ଥିବା ଲୋକେ ଅଭିଶପ୍ତ ଜୀବନ ବିତାଉଥିଲେ। ପାନୀୟ ଜଳ, ରାସ୍ତାଘାଟ ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଲୋକଙ୍କ ପାଇଁ ସାତସପନ ଥିଲା। ସଦରଠାରୁ ମାତ୍ର ୬ କି.ମି.ଦୂରରେ ଥିବା ଗାଁର ଭାଗ୍ୟ ସରକାରୀ ଫାଇଲ ତଳେ ଚାପିହୋଇ ରହିଥିଲା। ହେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କର ସମସ୍ୟା ପ୍ରତି ଦୃଷ୍ଟି ପଡ଼ିଲା। ସରପଞ୍ଚଙ୍କୁ ଧରି ଚାଲି ଚାଲି ଗାଁରେ ପହଞ୍ଚି ମାସକ ମଧରେ ମୌଳିକ ସମସ୍ୟା ସମାଧାନ କରିଛନ୍ତି। ସୋଲାର ପ୍ରକଳ୍ପ ମାଧମରେ ଗାଁରେ ବିଜୁଳି ଆଲୁଅ ଜଳୁଛି। ଏପଟେ ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ବିକାଶର ବାଟ ଫିଟାଇଛନ୍ତି ମାଥିଲି ପିଇଓ ଅଶୋକ ମହାରଣା। ପିଇଓ ମହାରଣାଙ୍କୁ ସମର୍ଥନ କରିଥିଲେ ମାଥିଲି ସରପଞ୍ଚ କାନାମରାଜୁ ନାୟକ।

ଏହି ଗାଁ ଦୀର୍ଘଦିନରୁ ସରକାରୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିଲା। ଦୀର୍ଘ ଦଶନ୍ଧି ପରେ ଗାଁରେ ସରକାରୀ ସୁବିଧା ପାଇଛନ୍ତି ଲୋକେ। ସେହିପରି ମୋଟର ମାଧମରେ ଚୁଆକୁ ବିଶୁଦ୍ଧକରି ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଗାଁରେ ବିଭିନ୍ନ ପ୍ରକଳ୍ପ ରଖି ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଜାରି ରହିଥିବା ମାଥିଲି ପିଇଓ ଅଶୋକ ମହାରଣା କହିଛନ୍ତି। ସେହିପରି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ରଖି ଲୋକଙ୍କୁ ବିକାଶ ପଥରେ ନିଆଯିବ ବୋଲି ମାଥିଲି ସରପଞ୍ଚ ନାୟକ ସୂଚନା ଦେଇଛନ୍ତି।


ଦାମଦରଗୁଡ଼ା ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ ଲାଗି ସୋଲାର ପ୍ଲେଟ୍ ଧରିଛନ୍ତି ।

# ବ୍ରହ୍ମାକୁମାରୀସ୍‌ର ସରକାରୀ ପଲିଟେକ୍‌ନିକ୍‌ରେ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଭାଗ ନେଇଥିବା ବ୍ରହ୍ମାକୁମାରୀସ୍‌ମାନେ ଓ ପଲିଟେକ୍‌ନିକ୍ କର୍ମକର୍ତ୍ତା ।

**ମାଲକାନଗିରି, ୨୭।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକରେ ଥିବା ସରକାରୀ ପଲିଟେକ୍‌ନିକରେ ବ୍ରହ୍ମାକୁମାରୀସ୍ ପକ୍ଷରୁ ଏକ ଆଲୋଚନା ଚକ୍ର ଆୟୋଜନ ଶନିବାର ହୋଇଥିଲା। ଏହି ଅବସରରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ଭୋପାଳରୁ ଆସିଥିବା ବି.କେ. ଡ. ରୀନା ଦିଦିଜୀ, ବି.କେ. ରାହୁଲ, ବି.କେ ରିଚା ଦିଦି ଏବଂ ମାଲକାନଗିରି ବ୍ରହ୍ମାକୁମାରୀସ୍ ଅନୁଷ୍ଠାନ ପରିଚାଳିକା ବି.କେ. ଜୟନ୍ତୀ ଦିଦି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀଙ୍କ ଭୂମିକା ବିଷୟରେ ଆଲୋଚନା କରାଯାଇଥିବା ବେଳେ ଏହା ବିଶ୍ୱର ସବୁଠାରୁ ବଡ ଆଧାତ୍ମିକ ସଙ୍ଗଠନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ବି.କେ. ଡ. ରୀନା ମାନବ ଜୀବନରେ ଧ୍ୟାନ, ଯୋଗ ଓ ଆଧାତ୍ମିକତାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ବି.କେ.ରିଚା ଦିଦି ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟ ପରିବେଷଣ କରିଥିଲେ। ଜୀବନରେ ଚିନ୍ତା ନୁହେଁ, ଧ୍ୟାନ କରିବା ପାଇଁ ଜୟନ୍ତୀ ଦିଦି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଆମ ସମାଜରେ ବ୍ରହ୍ମାକୁମାରୀମାନଙ୍କର ଗୁରୁତ୍ୱ ସମ୍ପର୍କରେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶେଷରେ ଅନୁଷ୍ଠାନ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ଦାଶ କହିଥିଲେ, ବର୍ତ୍ତମାନ ଜୀବନରେ ଉନ୍ନତି ପାଇଁ ସମସ୍ତ ଛାତ୍ରୀଛାତ୍ର ହନୁମାନ ଚାଳିଶା, ଗୀତା, ରାମାୟଣ ଆଦି ପାଠ କରିବା ଆବଶ୍ୟକ। ପରେ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କତାପାଲି ପଞ୍ଚାୟତ ସମସ୍ୟା ବୁଝିଲେ ବିଧାୟକ, ବ୍ଲକ ଅଧକ୍ଷ


ଗ୍ରାମବାସୀଙ୍କ ସହ ବିଧାୟକ ଓ ବ୍ଲକ ଅଧକ୍ଷ ବୈଠକ କରୁଛନ୍ତି ।

**ମାଥିଲି,୨୭।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅଧକ୍ଷ ମହେଶ କୁମାର ବାକା ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମାଥିଲି ବ୍ଲକ କତାପାଲି ପଞ୍ଚାୟତ ମୂଷକରାଶି ଓ ପିତାତଙ୍ଗ ଗ୍ରାମକୁ ଶନିବାର ଯାଇ ଲୋକଙ୍କ ସୁବିଧା ଅସୁବିଧା ବୁଝିଛନ୍ତି। ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବା ଯୋଗୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସେଠାରେ ବର୍ତ୍ତମାନ ପହଞ୍ଚିପାରୁଛି। ଦୁଇଟି ଗ୍ରାମରେ ଗ୍ରାମଦେବୀଙ୍କ ମନ୍ଦିର ନିମନ୍ତେ ଶୁଭ ଦିଆଯାଇଛି। ଏହି ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ। ଦୀର୍ଘଦିନ ହେବ ଗ୍ରାମରେ କିପରି ମନ୍ଦିର ନିର୍ମାଣ ହେବ ବୋଲି ଅଞ୍ଚଳବାସୀଙ୍କ ଦାବି ଥିଲା। ତେଣୁ ତାହା କାର୍ଯ୍ୟକାରୀ ହୋଇଛି। ଶନିବାର ଗ୍ରାମଦେବୀଙ୍କ ନିକଟରେ ମନ୍ଦିର ନିର୍ମାଣ ଲାଗି ଶୁଭ ଦିଆଯାଇଛି। ଏହି ଅବସରରେ ଗ୍ରାମବାସୀ ବିଧାୟକଙ୍କୁ ପାରମ୍ପରିକ ସାଂସ୍କୃତିକ ନୃତ୍ୟରେ ସ୍ୱାଗତ କରିଥିଲେ। ଏହା ସହ ବିଧାୟକ ଓ ଅଧକ୍ଷ ବୈଠକ କରି ଗ୍ରାମବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ପାଇ ପାରିଛନ୍ତି କି ନାହିଁ ବୁଝିଥିଲେ। ଦୀର୍ଘଦିନର ଦାବି (ଗ୍ରାମଦେବୀଙ୍କ ମନ୍ଦିର) ହେବାକୁ ଯାଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ହଜାର ହଜାର ଲୋକ ସମାଗମ ହୋଇ ମନ୍ଦିର ଶୁଭ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଘରେ ପଶିଗଲା ଟ୍ରାକ୍ଟର,୪ ଆହତ

**ଦିଗପହଣ୍ଡି,୨୭।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବଡଡୁମୁଲା ଗ୍ରାମରେ ଶନିବାର ମାଁ ସିଦ୍ଧ ବାଙ୍କେଶ୍ୱରୀ ପୀଠକୁ ଟ୍ରାକ୍ଟର ପୂଜା ପାଇଁ ଆସିବା ପୂର୍ବରୁ ଭାରସାମ୍ୟ ହରାଇ ଗାଁ ବୁଲାଣୀରେ ଥିବା ବାବୁଲା ସେଠୀଙ୍କ ଘରେ ପଶି ଯାଇଥିଲା। ଫଳରେ ଘରେ ଥିବା ବାବୁଲାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ସେଠୀ, ଦୁଇ ଝିଅ ରଚନା ଓ ମିଙ୍କିନା ସେଠୀ ଏବଂ ପୁଅ ଓମ୍ ସେଠୀ ଗୁରୁତର ଆହତ ହୋଇଥିଲେ। ସୁମନ୍ତପୁର ଗ୍ରାମର ସୁନୀଲ ପାତ୍ର ନିଜ ଟ୍ରାକ୍ଟରକୁ ପୂଜା କରିବା ପାଇଁ ମା'ଙ୍କ ମନ୍ଦିରକୁ ଆସୁଥିବା ସମୟରେ ମନ୍ଦିର ନିକଟରେ ରହିଥିବା ବୁଲାଣି ରାସ୍ତାରେ ସୁନୀଲ ଟ୍ରାକ୍ଟର ଉପରୁ ଭାରସାମ୍ୟ ହରାଇ ବସିବା ଫଳରେ ଟ୍ରାକ୍ଟରଟି ବାବୁଲାଙ୍କ ଘରେ ପଶି ଯାଇଥିଲା। ଯାହାଦ୍ୱାରା ଘରେ ବସିଥିବା ମା', ୨ ଝିଅ ଓ ପୁଅ ଏକା ସଙ୍ଗେ ଟ୍ରାକ୍ଟର ଭିତରେ ଚାପି ହୋଇ ରହି ଯାଇଥିଲେ। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ଦିଗପହଣ୍ଡି ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ଓ ଦିଗପହଣ୍ଡି ପୋଲିସ ଟିମ୍ ସମେତ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଶେଷକାନ୍ତ ଜାନୀ ଉପସ୍ଥିତ ରହି ଆହତ ମାନଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ଟ୍ରାକ୍ଟର ଚାଳକ ସୁନୀଲଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଏ ନେଇ ମକଦ୍ଦମା ରୁଜୁ କରାଯିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରାଯାଇଥିବା ଆଇଆଇସି ଦିପ୍ତୀରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ୨ ଥାନାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ଥାନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବାଲିମେଳା/କୋରୁକୋଣ୍ଡା, ୨୭।୫(ଡି.ଏନ.ଏ.)**

ମାଲକାନଗିରି ଜିଲାର ବରିଷ୍ଠ ଇନ୍ସପେକ୍ଟର ତଥା ପୂର୍ବତନ ଥାନା ଅଧିକାରୀ ରାମ ପ୍ରାସାଦ ନାଗ ଏବଂ ଓର୍କେଲ ଥାନାଧିକାରୀ ଜୋନ୍ କୁଜୁରଙ୍କୁ କୋରୁକୋଣ୍ଡାର ସମାଜିକକର୍ମୀଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କୋରୁକୋଣ୍ଡାସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ତ୍ରିଲୋଚନ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ସାନା ଏବଂ ଅନ୍ୟାନ୍ୟ ଅତିଥି ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ,ମାଧବ ସାବତ,ଅଶୋକ ପରିଡା,ଜାନକୀ ପଟ୍ଟନାୟକ ଓ ବିକ୍ରମ ପାଢୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ଅଧିକାରୀ ମେଳାପି ଓ ଦକ୍ଷ ପାଲିସ ଅଧିକାରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଉତ୍ତରୀୟ ଦେଇ ଦୁଇ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଜିଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ସଭା


ତମାଖୁ ନିୟନ୍ତ୍ରଣ ଦିବସରେ ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

**ମାଲକାନଗିରି,୨୭।୫(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାର ସ୍ଥାନୀୟ ରକ୍ତଭଣ୍ଡାର ସଭାଗୃହରେ ଜିଲାସ୍ତରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରଫୁଲ୍ଲ କୁମାର ନନ୍ଦ, ଡିପିଏଚ୍ଓ ଡ.ସନ୍ଧ୍ୟାରାଣୀ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଡିଏସ୍‌ପି ସତ୍ୟ ପ୍ରକାଶ ଭୂୟାଁ, ପୌର ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, ଡିପିଏସ୍ ସସ୍ମିତା ସାହୁ, ଜିଲା ଯୁବ ରେଡ୍‌କ୍ରସ୍ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ, ଜିଲା ଯୁବ ଅଧିକାରୀ ହରିଶ୍ ରୂପାଲ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ ପ୍ରମୁଖ ଉପସ୍ଥିତ ରହି ମାଲକାନଗିରି ଜିଲାକୁ ତମାଖୁମୁକ୍ତ କରିବାକୁ ମତ ରଖିଥିଲେ। ଏହା ସହ ଏହି ଅଭିଯାନକୁ ସଫଳ କରିବା ପାଇଁ ଆଗାମୀ କାର୍ଯ୍ୟକ୍ରମ ଲାଗି ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ଅଫିସ, ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ୍, ପୋଷ୍ଟ ଅଫିସ ସମେତ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟକୁ ତମାଖୁ ମୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପିଡେମିଓଲୋଜିଷ୍ଟ ଡ. ଦୁର୍ଗାପ୍ରସାଦ ରାଜ ବିଶଦ ଭାବେ କାର୍ଯ୍ୟକ୍ରମ ବିଷୟରେ ମତ ଦେଇଥିଲେ। ଶେଷରେ ଅଧ୍ୟାପକ ଡ. ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଢୁଛି ଶିଶୁର ଅଣ୍ଡକୋଷ, ଚିକିତ୍ସାରେ ଅର୍ଥ ବାଧକ

**ଡାବୁଗାଁ, ୨୭।୫ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଧାମନାଗୁଡା ପଞ୍ଚାୟତ ଏକମ୍ବା ଗ୍ରାମର କମଳଲୋଚନ ଚଲାନଙ୍କ ପୁଅ ପ୍ରଦୀପ। ୨ବର୍ଷ ତଳେ ପ୍ରଦୀପଙ୍କ ଜନ୍ମ ହୋଇଥିଲା। ଜନ୍ମ ପରେ ତାଙ୍କର ଅଣ୍ଡକୋଷ ଧୀରେ ଧୀରେ ବଢ଼ିଥିଲା। ମାତା ପିତା ପୁତ୍ରକୁ ଧରି ପ୍ରଥମେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରିଥିଲେ। କିଛି ଦିନ ଚିକିତ୍ସା ପରେ ଡାକ୍ତର ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସା ପରେ ଅର୍ଥାଭାବରୁ ପୁଅକୁ ଧରି ଘରକୁ ଚାଲି ଆସିଥିଲେ କମଳଲୋଚନ। ଯଦି ସରକାରୀ ସାହାଯ୍ୟ ମିଳେ ତାହାହେଲେ ଶିଶୁଟିର ଅସ୍ତ୍ରୋପଚାର କରିପାରିବେ ବୋଲି କମଳଲୋଚନ ନିବେଦନ କରିଛନ୍ତି। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲା ସଂଯୋଜକ ଫିରୋଜ ବାଘଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଗ୍ରାମକୁ ଟିମ୍ ପଠାଯିବ। ସେମାନେ ଯାଞ୍ଚ କରିବା ପରେ ଶିଶୁଟିର ଅସ୍ତ୍ରୋପଚାର ପାଇଁ ବ୍ରହ୍ମପୁର ପଠାଇବା ପାଇଁ ବ୍ୟବସ୍ଥା କରାଯିବ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧମରେ ଶିଶୁଟିର ମାଗଣା ଚିକିତ୍ସା କରାଯିବ ବୋଲି ସେ କହିଛନ୍ତି।


ମା' ବାପାଙ୍କ ସହ ପ୍ରଦୀପ।

# ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

**ପଡ଼ିଆ,୨୭।୫(ଡି.ଏନ.ଏ.)**

ପଡିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଶନିବାର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିମିଳିବାଞ୍ଛା, ପଡ଼ିଆ, ତାଣ୍ଡବାଇ ଓ ନିଲିଗୁଡା ରାଜସ୍ୱ ମଣ୍ଡଳୀର ୨୪୦ରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ପଟ୍ଟା ଓ ଉତ୍ତରାଧିକାରୀ ସତ୍ତ୍ୱରେ ନାମ ପରିବର୍ତ୍ତନ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଡିଏମ୍ ରାମେଶ୍ୱର ନାୟକ, ତହସିଲଦାର ସାଏଦ ସବିର ସାହା, ଆରଆଇ ଚିନ୍ମୟ ମହାପାତ୍ର, ଲକ୍ଷ୍ମୀନାରାୟଣ ଖଣ୍ଡୁଆଳ, ସର୍ବେଶ୍ୱର ପଡ଼ିଆରୀ, ଜିଲା ପରିଷଦ ସୁରଭି ଭୌମିକ, ବ୍ଲକ ଚେୟାରମ୍ୟାନ ଯମୁନା ମୁଚାକି, ଏମ୍‌ପି ପ୍ରତିନିଧି ଚିନାମ ରାବିଟ କୁମାର, ବିଧାୟକଙ୍କ ପ୍ରତିନିଧି କୋଟାମ୍ ବାଲାୟା, ବିଜେଡି ବ୍ଲକ ସଭାପତି ମେସାକ ରବି ମାଡ୍ରୀ, ପଡିଆ ସରପଞ୍ଚ ଗଙ୍ଗା କାରମ, ନିଲିଗୁଡା ସରପଞ୍ଚ ଦେବେ ମାଡ଼ି ପ୍ରମୁଖ ଉପସ୍ଥିତ ଥିଲେ ।


ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି ।

# ବିପଦସଙ୍କୁଳ ଅବସ୍ଥାରେ ନିର୍ମାଣ ସାମଗ୍ରୀ ପରିବହନ

**ନନ୍ଦପୁର, ୨୭।୫ (ଡି.ଏନ୍.ଏ.)**

ବିପଦସଙ୍କୁଳ ଅବସ୍ଥାରେ ନିର୍ମାଣ ସାମଗ୍ରୀ ଯଥା ବାଲି, ଚିପ୍ସ, ପଥର ଆଦି ଖୋଲାମେଲାରେ ପରିବହନ କରାଯାଉଛି। ଏଥିସହ ପ୍ରାୟ ୨୦ରୁ ୩୦ଜଣ ଶ୍ରମିକ ମଧ ଏଥିରେ ଯାଉଛନ୍ତି। ଏଭଳି ଟ୍ରକ୍, ଟ୍ରାକ୍ଟର ପ୍ରତି ପୋଲିସ ଓ ପରିବହନ ବିଭାଗର ନଜର ପଡୁନାହିଁ। ଏଭଳି ପରିବହନ ପ୍ରତି ବିଭାଗୀୟ କଟକଣା ଥିଲେ ମଧ ଅଣଦେଖା କରାଯାଉଛି। ଦୁଇ ବିଭାଗ ପକ୍ଷରୁ ଏଭଳି ପରିବହନକୁ ନ ରୋକାଯିବାରୁ ତାହା ବଡ଼ ବଡ଼ ଦୁର୍ଘଟଣାକୁ ଏକରକମ ନିମନ୍ତ୍ରଣ ତଥା ସମର୍ଥନ କରାଯାଉଛି ବୋଲି ବୁଦ୍ଧିଜୀବୀ କହିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନନ୍ଦପୁର ବ୍ଲକରେ ଏହାର ଉଦାହରଣ ସବୁ ଦେଖିବାକୁ ମିଳୁଛି।

ସକାଳୁ ଜୟପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଏକ ଚିପ୍ସ (ଗୋଡ଼ି) ବୋଝେଇ ଟ୍ରକ୍ ପାଡୁଆ ପଟୁ ଚାଟୁଆ ଯାଉଥିଲା। ଏହି ସମୟରେ ପଛପଟୁ ଗୋଡ଼ି ବିଛାଡ଼ି ହୋଇ ପଡୁଥିଲା। କିନ୍ତୁ ଚାଳକ ଟ୍ରକ୍‌ରେ ଜୋରରେ ବାଜୁଥିବା ଗୀତ ଭୋଳରେ ମଗ୍ନଥିବା ପଥଚାରୀ କହିଛନ୍ତି। ପ୍ରାୟ ୫କି.ମି. ଦୂର ରାସ୍ତାରେ ଗୋଡ଼ି ବିଛାଡ଼ିହୋଇ ପଡ଼ିଛି। ଦୁଇ ତିନି ଜାଗାରେ ରାସ୍ତାର ସମ୍ପୂର୍ଣ୍ଣ ଭାଗରେ ପ୍ରାୟ ୫ଇଞ୍ଚ ବହଳର ଗୋଡ଼ି ପଡିଛି, ଯାହା ଦୁର୍ଘଟଣାର କାରଣ ସାଜି ଧନ ଜୀବନ କ୍ଷତି ଘଟାଇପାରେ ବୋଲି ପଥଚାରୀ ଆଶଙ୍କା କରିଛନ୍ତି। ଏହି ରାସ୍ତାରେ ଥିବା ବାଲି ସଇରାତଗୁଡ଼ିକରୁ ମଧ ସମାନ ଢଙ୍ଗରେ ବାଲି ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ବାଲି ବୋଝେଇ ଗାଡ଼ି ଉପରେ କୌଣସି ଆବରଣ କରାଯାଉ ନାହିଁ। ଉକ୍ତ ବାଲି ଉପରେ ୨୦ ରୁ ୩୦ ଜଣ ଶ୍ରମିକଙ୍କୁ ବସାଇ ନିଆଯାଉଛି। ଏଭଳି ବିପଦସଙ୍କୁଳ ପରିବହନ ପ୍ରତି ପୋଲିସ, ପରିବହନ ଓ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବା କହି ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ କରିଛନ୍ତି। ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଗୋଡ଼ି ଖସିବା ଘଟଣାକୁ ନିନ୍ଦା କରିବା ସହ ଆଗକୁ ଏଭଳି ପରିବହନ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଟ୍ରକ୍‌ରୁ ଗୋଡ଼ି ଖସି ରାସ୍ତାରେ ପଡୁଛି।

**ପୋଲିସ, ପରିବହନ ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ**

## ସଂକ୍ଷେପରେ

### ଶର୍ଟସର୍କିଟ, ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ

ନନ୍ଦପୁର, ୨୭।୫(ଡି.ଏନ୍.ଏ.)- ନନ୍ଦପୁର ବ୍ଲକ ଅଧୀନ କୁଲାବିର ପଞ୍ଚାୟତ ସଦରରେ ଅଗ୍ନିକାଣ୍ଡ ଘଟି ଦୁଇଭାଇ ସୁରେନ୍ଦ୍ର ଖିଲ ଓ ଉତ୍ତମ ଖିଲଙ୍କ ୨ଟି ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଶର୍ଟ ସର୍କିଟ୍ ଯୋଗୁ ଘରେ ନିଆଁ ଲାଗିବା ପରେ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯାଇଥିଲା। ଫଳରେ ଦୁଇ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ନନ୍ଦପୁର ଅଗ୍ନିଶମ ବାହିନୀ ଓ ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସ୍ ସିଲିଣ୍ଡର ଫାଟିବା ପ୍ରଭାବରେ ଦୁଇ ଭାଇଙ୍କ ଘରକାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ଟାଇଲ ଛପର ତଳ କାଠ ପୋଡ଼ିଯିବାରୁ ଛପର ତଳେ ପଡି ସମସ୍ତ ଟାଇଲ ଭାଙ୍ଗି ଚୂର୍ମାର ହୋଇଯାଇଛି। ଉଭୟ ପରିବାର ଗରିବ ଶ୍ରେଣୀର। କୁଲି ମଜୁରି ଓ ଚାଷବାସ ଆୟର ଉତ୍ସ। ତେଣୁ ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନନ୍ଦପୁର ତହସିଲଦାର ନରସିଂହ ଗାଦବା ପାଡୁଆ ରାଜସ୍ୱ ନିରୀକ୍ଷକ ଅକ୍ଷୟ କୁମାର କ୍ଷତ୍ରୀଙ୍କୁ କୁଲାବିର ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଙ୍ଗେସଙ୍ଗେ ପଲିଥିନ୍ ଯୋଗାଇ ଦିଆଯିବ। ରିପୋର୍ଟ ମିଳିବା ମାତ୍ରେ ବ୍ୟବସ୍ଥିତ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି।

### ଅଣଦେଖା କରାଯାଉଥିବା ନେଇ ସରପଞ୍ଚ ସଙ୍ଘର ଅଭିଯୋଗ

କୋରାପୁଟ,୨୭।୫(ସ୍ୱ.ପ୍ର.)- ନନ୍ଦପୁର ବ୍ଲକ ପ୍ରଶାସନ ସରପଞ୍ଚମାନଙ୍କୁ ଉନ୍ନୟନମୂଳକ କାର୍ଯ୍ୟରେ ଅଣଦେଖା କରୁଥିବା ଅଭିଯୋଗ କରିଛି ନନ୍ଦପୁର ବ୍ଲକ ସରପଞ୍ଚ ସଂଘ। ସଂଘ ସଦସ୍ୟମାନେ ଜିଲାପାଳ ଅବ୍‌ଦାଲ ଏମ୍. ଅଖତାରଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ନନ୍ଦପୁର ବ୍ଲକରେ ସିଏଫ୍‌ସି,ଏସ୍‌ଏଫ୍‌ସି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୨ ପ୍ରତିଶତ ପିସି କାରବାର ହେଉଥିବା ସଂଘ ସଭାପତି ପଦଲାମ ହନ୍ତାଲ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ କାମ ବାବଦକୁ ୧ ପ୍ରତିଶତ ହାତଗୁଞ୍ଜା ନିଆଯାଉଥିବା ଅଭିଯୋଗ କରିବା ସହ ଯଦି ହାତଗୁଞ୍ଜା ଦେବାରେ ବିଳମ୍ବ ହୁଏ ତେବେ ଯଥା ସମୟରେ ବିଲ୍ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହାର ସମାଧାନ କରାଯିବ ବୋଲି ଜିଲାପାଳ କହି ପ୍ରତିଶ୍ରୁତି ଦେଇଛନ୍ତି। ପିସି କାରବାର ବନ୍ଦ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଅଣଦେଖା ଅଭିଯୋଗକୁ ଭବିଷ୍ୟତରେ ସମାଧାନ କରାଯିବ ବୋଲି ବିଡିଓ ସୁଜିତ କୁମାର ମିଶ୍ର କହିଛନ୍ତି । ନନ୍ଦପୁର ବ୍ଲକରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବରେ ସମ୍ପନ୍ନ ହେଉଛି ବୋଲି ବିଡିଓ କହିଛନ୍ତି। ସୂଚନାଯୋଗ୍ୟ, ଗତ ଦିନରେ ପଟ୍ଟାଙ୍ଗି ବ୍ଲକର ନିର୍ବାଚିତ ପ୍ରତିନିଧିମାନେ ବିଡିଓଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

### ମାଁ ଜଗତ ଜନନୀଙ୍କ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ନେଇ କଳସ ଯାତ୍ରା



ଜୟପୁର,୨୭।୫( ନି .ପ୍ର.)- ମାଁ ଜଗତ ଜନନୀଙ୍କ ପାର୍ଶ୍ୱ ବିଗ୍ରହ ଏବଂ ପ୍ରାସାଦ ପ୍ରତିଷ୍ଠା ନେଇ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ମହିଳାମାନେ ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର ଜଗନ୍ନାଥ ସାଗରରେ ପହଞ୍ଚିଥିଲେ। ସେଠାରେ ପୂଜାପାଠ କରାଯାଇ କଳସ ଧରି ସାଗରରୁ ପାଣି ଅଣାଯାଇଥିଲା। ପରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳା ସଂସ୍କାର ପ୍ରବେଶ, ଋତ୍ୱିକାଦି ବରଣ, ପୂଜାକର୍ମ, କୁଣ୍ଡ ସଂସ୍କାର ଅଗ୍ନି ସ୍ଥାପନ, ହୋମ ଆଦି କରାଯାଇଛି । ଆସନ୍ତା ୨୯ ତାରିଖ ଯାଏ ନବନିର୍ମିତି ପ୍ରାସାଦର ପ୍ରତିଷ୍ଠା ନେଇ ପୂଜାପାଠ, ହୋମ ଆଦି କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

### ବ୍ୟାଙ୍କ ଆଗରୁ ବାଇକ୍ ଚୋରି ଅଭିଯୋଗ

ସୁନାବେଡ଼ା,୨୭।୫(ସ୍ୱ.ପ୍ର.)-ହାଲ ଟାଉନସିପ୍‌ରେ ଥିବା ଏସବିଆଇ ଶାଖା ଆଗରୁ ଗୋଟିଏ ହୋଣ୍ଡା ସାଇନ (ଓଡ଼ି-୧୦ଡି-୫୩୦୪)ଚୋରି ହୋଇଥିବା ସୁନାବେଡା ଥାନାରେ ଅଭିଯୋଗ ହୋଇଛି। ମାର୍ଙ୍ଗିଲିଗୁଡା ଗାଁର ଅନ୍ତର ହନ୍ତାଳ ମାର୍ଙ୍ଗିଲିଗୁଡ଼ା ଗ୍ରାମରୁ ତାଙ୍କ ଗାଡି ନେଇ ସୁନାବେଡା ଏସ୍‌ବିଆଇ ଶାଖାକୁ ଆସିଥିଲେ। ବ୍ୟାଙ୍କ କାମସାରି ବାହାରକୁ ଆସି ଗାଡି ନ ଥିବା ଦେଖି ଖୋଜାଖୋଜି କରି ନିରାଶ ହେବାପରେ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ୯୨/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

## ଅଦା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ନେଇ ଆଲୋଚନା

■ କୃଷି ଉତ୍ପାଦନ କ୍ଲଷ୍ଟର ଓଡ଼ିଶାର ଜିଲାସ୍ତରୀୟ ବୈଠକ
■ ଅଦା ଗଚ୍ଛିତ ପାଇଁ ଷ୍ଟୋରେଜ ୟୁନିଟ୍ ସ୍ଥାପନ କରିବାକୁ ଜିଲାପାଳଙ୍କ ପରାମର୍ଶ
■ ମହିଳା ଚାଷୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ଆଳୁଚାଷ ପାଇଁ ପ୍ରୋତ୍ସାହନ

କୋରାପୁଟ,୨୭।୫(ସ୍ୱ.ପ୍ର.)



ବୈଠକରେ ଜିଲାପାଳ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ଅଧ୍ୟକ୍ଷତାରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସି) ଓଡ଼ିଶା ପ୍ରକଳ୍ପର କୋରାପୁଟ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉଦ୍ୟାନ, କୃଷି, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଓଏଲ୍‌ଆଇସି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓଏଆଇସି, ଓର୍‌ମାସ୍, ପ୍ରାଣୀ ବିଭାଗରୁ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଉକ୍ତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷରେ ହୋଇଥିବା ସଫଳତା ଏବଂ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ଏହି ପ୍ରକଳ୍ପ ଜରିଆରେ କରିବାକୁ ଥିବା ସମସ୍ତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଟ୍ଟାଙ୍ଗି, ସେମିଳିଗୁଡ଼ା, ନନ୍ଦପୁର ଓ ଲମତାପୁଟ ବ୍ଲକରେ ଅଦା ପ୍ରକ୍ରିୟାକରଣ ୟୁନିଟ୍ ବସିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାରେ ଅଦାର ଦର ବଢୁଥିବା ବେଳେ ଅଦାକୁ ଅଧିକ ଦିନ ଗଚ୍ଛିତ ରଖିବା ନିମନ୍ତେ କିପରି ବିଭିନ୍ନ ପ୍ରକାର ଷ୍ଟୋରେଜ ୟୁନିଟ୍ କରାଯାଇପାରିବ, ସେଥିପ୍ରତି ଦୃଷ୍ଟିଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ମହିଳା ଚାଷୀଙ୍କ ନିମନ୍ତେ ଉଦ୍ୟାନ ବିଭାଗ ପକ୍ଷରୁ ୧୦୫୦ ହେକ୍ଟରରେ ଆଳୁଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ କୃଷି ଉତ୍ପାଦନ କ୍ଲଷ୍ଟର କାର୍ଯ୍ୟକାରୀ କରୁଥିବା ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଏଫ୍‌ଇଏସ୍, ପ୍ରଦାନ, ସିୱାଇଏସ୍‌ଡି ଓ ହର୍ଷ ଟ୍ରଷ୍ଟର ମୁଖ୍ୟ ପ୍ରକଳ୍ପର ସଫଳତାକୁ ଉପସ୍ଥାପନ କରିବା ସହିତ ବିଭିନ୍ନ ବିଭାଗ ସହ ମିଶି ସମନ୍ୱୟ ଯୋଜନା ପ୍ରସ୍ତୁତ କରିଥିଲେ।

## ପ୍ରକାଶ ପାଇଲା ସ୍ନାତକ, ସ୍ନାତକୋତ୍ତର ପରୀକ୍ଷାଫଳ

ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ

ଜୟପୁର,୨୭।୫(ନି.ପ୍ର.)

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଇସାବେଲା ଦାସ କଳା, ବାଣିଜ୍ୟରେ ଲକ୍ଷ୍ମୀପ୍ରସନ୍ନ, ବିଜ୍ଞାନରେ ଶୁଭସ୍ମିତା ଦାସ ପ୍ରଥମ ହୋଇଛନ୍ତି।

ଶେଷ ବର୍ଷ ସ୍ନାତକ କଳା ବିଭାଗରେ ୨୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୬୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୬ଜଣଦ୍ୱିତୀୟଶ୍ରେଣୀରେପାସ୍‌ହୋଇଛନ୍ତି। ପାସ୍ ହାର ୮୪ ପ୍ରତିଶତ ରହିଛି। ବିଜ୍ଞାନରେ ୨୦୬ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୧୫୮, ଦ୍ୱିତୀୟରେ ୧୧ ଜଣ ପାସ୍ କରିଛନ୍ତି। ଉତ୍ତୀର୍ଣ୍ଣ ହାର ୮୨.୦୪% ରହିଛି। ବାଣିଜ୍ୟରେ ୨୭୪ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରଥମରେ ୧୨୩ ଓ ଦ୍ୱିତୀୟ ଶ୍ରେଣୀରେ ୮୨ ଜଣ ପାସ୍ କରିଛନ୍ତି। ପାସ୍ ହାର ୭୪.୮୨% ହୋଇଛି। ଅର୍ଥନୀତିରେ ଶିବ ଗୌଡ଼, ଶିକ୍ଷା ବିଜ୍ଞାନରେ ରୂପାଲୀ ନିଶଙ୍କ, ଇଂରାଜୀରେ ଆଶିଷ ମହାରଣା, ଭୂଗୋଳରେ ମୀନା ରାଓ ଡୁଇକା, ଇତିହାସରେ ତୁଷାରକାନ୍ତ ପାଣିଗ୍ରାହୀ, ଓଡ଼ିଆରେ ହିମାଦ୍ରୀ ତନୟ ରାଜ, ଦର୍ଶନରେ ସୁଶ୍ରୀ ସୋଲନି ଦାସ, ରାଜନୀତି ବିଜ୍ଞାନରେ ସ୍ନେହାଞ୍ଜଳି ମିଶ୍ର, ସାମାଜିକ ବିଜ୍ଞାନରେ ଆକାଶ ତ୍ରିପାଠୀ, କମର୍ସ ବିଭାଗ ଆକାଉଣ୍ଟାନ୍ସିରେ କେ. ଲକ୍ଷ୍ମୀପ୍ରସନ୍ନ, ଉଦ୍ଭିଦ ବିଜ୍ଞାନରେ ଶୁଭସ୍ମିତା ଦାସ, ରସାୟନ ବିଜ୍ଞାନରେ ଅଦିତି ଗୁପ୍ତା, କମ୍ପ୍ୟୁଟର ସାଇନ୍ସରେ ଭାଗ୍ୟଶ୍ରୀ ପଣ୍ଡା, ଗଣିତରେ ରାମକୃଷ୍ଣ ଦାସ, ପଦାର୍ଥ ବିଜ୍ଞାନରେ ସୋମନାଥ ପାଣିଗ୍ରାହୀ, ପ୍ରାଣୀବିଜ୍ଞାନ ବିଭାଗରେ ଦିବ୍ୟାନୀ ପଣ୍ଡା ପ୍ରଥମ ହୋଇଛନ୍ତି।

ସ୍ନାତକୋତ୍ତରରେ ୩୩୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅତି ଉତ୍ତମ ଶ୍ରେଣୀରେ ୧୬ ଜଣ ରହିଛନ୍ତି। ପ୍ରଥମ ଶ୍ରେଣୀରେ ୧୯୬, ଦ୍ୱିତୀୟରେ ୮୩ ଓ ତୃତୀୟ ଶ୍ରେଣୀରେ ୭ ଜଣ ପାସ୍ ହୋଇଛନ୍ତି। ୯୦.୯୬ ପ୍ରତିଶତ ପାସ୍ ହାର ରହିଛି। ଅର୍ଥନୀତି ବିଭାଗରେ ଶୁଭଶ୍ରୀ ଗୌଡ଼, ଇଂଲିଶରେ ପ୍ରସନ୍ନ ପଲଟାସିଂ, ଇତିହାସରେ ଅଶ୍ୱିନୀ ମହାପାତ୍ର, ଓଡ଼ିଆରେ ରଞ୍ଜିତ ପରିଡ଼ା, ଦର୍ଶନରେ ସୁରେଶ ଖାଡି, ରାଜନୀତି ବିଜ୍ଞାନରେ ମାଧବ ପ୍ରଧାନୀ, ସାମାଜିକ ବିଜ୍ଞାନରେ ଜ୍ୟୋତିରେଖା ପରିଡ଼ା, ବାଣିଜ୍ୟରେ ଶିବାନୀ ଦିବ୍ୟଦର୍ଶିନୀ, ଉଦ୍ଭିଦ ବିଜ୍ଞାନରେ ପ୍ରତ୍ୟୁଷା ପାଢ଼ୀ, ରସାୟନ ବିଜ୍ଞାନରେ ଦୀପଶିଖା ସାମଲ, କମ୍ପ୍ୟୁଟର ସାଇନ୍ସରେ ଭି. ଲାହିରି, ପଦାର୍ଥ ବିଜ୍ଞାନରେ ସରିତା ସାହୁ, ପ୍ରାଣୀ ବିଜ୍ଞାନରେ ଅର୍ଚ୍ଚନା ବିଷୋୟୀ ଓ ଏମ୍‌ପିଏମ୍‌ଆଇଆର୍‌ରେ ତେଜସ୍ୱିନୀ ମହାନ୍ତି ପ୍ରଥମ ହୋଇଥିବା କଲେଜ ଅଧ୍ୟକ୍ଷ ଗୋପାଳ ହାଲ୍‌ଦାର ସୂଚନା ଦେଇଛନ୍ତି।

## 'କୃଷିର ଉନ୍ନତିରେ ରାଜ୍ୟର ପ୍ରଗତି ନିର୍ଭର କରେ'

ଓଡ଼ିଶା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟାଙ୍କ ଝରିଗାଁ ଗସ୍ତ

ଝରିଗାଁ, ୨୭।୫(ସ୍ୱ.ପ୍ର.)

ଝରିଗାଁ ବ୍ଲକ ଗସ୍ତରେ ଓଡ଼ିଶା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ବ୍ଲକ କୃଷକ ସଂଗଠନ ପକ୍ଷରୁ ବରିଷ୍ଠ କୃଷକ ନେତା ଉଦୟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତିନୋଟି ସର୍ବଦଳୀୟ କୃଷକ ସଭାରେ ପ୍ରଦୀପ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ କୃଷକ ସଂଗଠନ ସଭାପତି ଅଶୋକ କୁମାର ମୂର୍ତ୍ତି, ସମ୍ପାଦକ ପ୍ରେମାନନ୍ଦ ପାଣ୍ଡେ, ପୂର୍ବତନ ସରପଞ୍ଚ ମୋହନ ପ୍ରଧାନୀ, ଦେବଜ୍ୟୋତି ପଟ୍ଟନାୟକ, ପନକା ସମାଜ ସଭାପତି ଧରମଦାସ ପନକା, ପୂର୍ବତନ ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ଶ୍ରୀପତି ଭତରା,ରତାଖଣ୍ଡିଗୁଡ଼ା ସରପଞ୍ଚ ଜୟମନି ଗଣ୍ଡ ପ୍ରମୁଖ ଉପସ୍ଥିତି ଥିଲେ। ପ୍ରଥମେ ଚିଟାବେଡ଼ା ପଞ୍ଚାୟତର ସଣ୍ଡଶା ଗ୍ରାମ, ପରେ ରତାଖଣ୍ଡିଗୁଡ଼ା ପଞ୍ଚାୟତ ସଦର ଏବଂ ଶେଷରେ ଭିକ୍ଷା ପଞ୍ଚାୟତର ଚିଙ୍ଗୁଡ଼ିଗୁଡ଼ାରେ କୃଷକ ସଭା କରାଯାଇଛି।

ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଓ ଆଭିମୁଖ୍ୟ ଉପରେ ମୁଖ୍ୟ ଅତିଥି ଅଭିଭାଷଣ ଦେଇଥିଲେ। ନବରଙ୍ଗପୁର ଜିଲାରେ ୯୦% ଲୋକଙ୍କ ଜୀବନ ଜୀବିକା କୃଷି ଉପରେ ନିର୍ଭରକରେ। ପ୍ରକୃତି ଦତ୍ତ ସମ୍ବଳ ସଦୁପଯୋଗ ଯଥା ଜଳଉତ୍ସ ସଂରକ୍ଷଣକରି ଜମିକୁ ଜଳସେଚନ କରିବାକୁ ଓଡ଼ିଶା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଉନ୍ନତ ମାନର ସାର ବିହନ, ଉତ୍ପାଦିତ ଶସ୍ୟ ଆଦିର ଉଚିତ ମୂଲ୍ୟ, ଶୀତଳ ଭଣ୍ଡାର ସ୍ଥାପନ, ଜଳସେଚନ ଆଦି ପ୍ରସଙ୍ଗରେ ଉପଦେଷ୍ଟା ମାଝି ଚାଷୀଙ୍କ ସହ ଆଲୋଚନା କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କଳା,ସଂସ୍କୃତି ବିକାଶ ପାଇଁ ପରସ୍ପର ମଧ୍ୟରେ ସମନ୍ୱୟ ରଖି ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଚାଷୀମାନେ ଏକାଠି ହେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ। କୃଷିର ଉନ୍ନତିରେ ରାଜ୍ୟର ପ୍ରଗତି ନିର୍ଭରକରେ। ଶିକ୍ଷା, ଆଧୁନିକ ଜ୍ଞାନକୌଶଳ ସହ ପ୍ରକୃତି ଦତ୍ତ ସମ୍ବଳର ବିନିଯୋଗ ନ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଚାଷୀ ସଂଗଠନ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ଭତରା, ଯୁଗସାଏ ଭତରା, ପଦ୍ମନ ସାନ୍ତା, ଭୁବନ ଲାଲ୍ ସାହୁ, ନୀଳକଣ୍ଠ ମାଝି, ହରିବନ୍ଧୁ ଚାଲାନ, ଚୈତନ୍ୟ ଭତରା, ଗୁରୁବନ୍ଧୁ ହରିଜନ, ରବିସିଂ ପନକା, ସୁରେଶ ନାୟକ, ଲଛମନ ସାନ୍ତା, ଦଶରଥ ଗଣ୍ଡ, ସୋନୁ ଭତ୍ରା,ଧନିରାମ ଭତରା,ଦୀନବନ୍ଧୁ ଭତରା, ପୁନୁ ଭତରା,ଭୀମ ଭତରା,ଗଣେଶ ଭତରା ପ୍ରମୁଖଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ଚାଷୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ଶିକ୍ଷକଙ୍କ ଘରୁ ଚୋରି

### କିଛିଦିନ ତଳେ ଡାକ୍ତରଙ୍କ ଘରୁ ହୋଇଥିଲା ଚୋରି

ସୁନାବେଡ଼ା/ସେମିଳିଗୁଡ଼ା, ୨୭।୫(ସ୍ୱ.ପ୍ର.)

ଗତ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ବଢିଚାଲିଛି ଲୁଟେରାଙ୍କ ଆତଙ୍କ। କିଛିଦିନ ପୂର୍ବରୁ ସେମିଳିଗୁଡାରେ ଜଣେ ଡାକ୍ତରଙ୍କ ଘରେ କଳାକନା ବୁଲାଇଥିଲେ ଦୁର୍ବୃତ୍ତ। ଏବେ ଜଣେ ଶିକ୍ଷକଙ୍କ ଘରର ମୁଖ୍ୟ ଗେଟ୍ ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ଗୋଟିଏ ଲାପଟପ୍ ଚୋରି କରି ନେଇଥିବା ସେମିଳିଗୁଡା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁଯାୟୀ ସେମିଳିଗୁଡା ନନ୍ଦପୁର ରୋଡ ଅରବିନ୍ଦ ନଗରରେ ରହୁଥିବା ଗିରୀଜା ଶଙ୍କର ହୋତା ଗତ ୬ ତାରିଖରେ ସପରିବାର ତିରୁପତି ଯାଇଥିଲେ। ଶୁକ୍ରବାର ଫେରିବା ପରେ ଘର ର ତାଲା ଭଙ୍ଗାଯାଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ସେମିଳିଗୁଡା ଥାନା ପୋଲିସ କେସ୍ ନଂ ୬୮/୨୦୨୩ରେ ଏକ ମାମଲା ରୁଜୁ କରଛି। ଥାନାଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ତଦନ୍ତ ଜାରି ରଖିଛନ୍ତି।

## ଗୋଟିଏ ଦିନରେ ୨ ବାଇକ୍ ଚୋରି

ଦଶମନ୍ତପୁର, ୨୭।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ କଲେଜ ପାର୍ଶ୍ୱରୁ ଗୋଟିଏ ଦିନରେ ୨ ବାଇକ ଚୋରି ହୋଇଛି। ଏ ନେଇ ଦଶମନ୍ତପୁର ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ରାଧା କୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ନିକଟ ତ୍ରିନାଥ ବିଷୋୟୀଙ୍କ ଘରେ ଭଡ଼ାରେ ରହୁଥିବା ରାଜୁ ମଲ୍ଲିକଙ୍କ ଗାଡ଼ି (ଓଡି-୧୮ଡି-୯୩୬୩)କୁ ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ସେହିପରି ସହଦେବ ବିଷୋୟୀଙ୍କ ବାଇକ୍ (ଓଡି-୧୦ସି-୬୩୨୮)ର ଯାନ୍ତ୍ରିକ ତ୍ରୁଟି ହେଇଥିବାରୁ ମରାମତି ପାଇଁ ଗ୍ୟାରେଜକୁ ନେଇଥିଲେ। ଗ୍ୟାରେଜ ବନ୍ଦ ଥିବାରୁ କଲେଜ ଛକରେ ଥିବା ଭଣଜା କାହ୍ନୁ ବିଷୋୟୀଙ୍କ ଘରେ ବାଇକଟିକୁ ରଖି ଚାଲି ଯାଇଥିଲେ। ସେଠାରୁ ଦୁର୍ବୃତ୍ତମାନେ ବାଇକ ଚୋରି କରି ନେଇଥିଲେ। ତେବେ ବାଇକଗୁଡ଼ିକୁ ନ ପାଇବାରୁ ମାଲିକମାନେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ଏତଲା ଆଧାରରେ ଥାନାଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

## ଦଶ ପ୍ରତିଭା ସମ୍ବର୍ଦ୍ଧିତ



ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ସମ୍ବର୍ଦ୍ଧନା ସଭା

ନନ୍ଦପୁର, ୨୭।୫ (ଡି.ଏନ୍.ଏ.)

ଭାଷା ଓ ସାହିତ୍ୟର ସୁରକ୍ଷା ସହ ନିଶା ନିବାରଣ କ୍ଷେତ୍ରରେ ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାର ପକ୍ଷରୁ ଶନିବାର ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ସଂସଦ କାର୍ଯ୍ୟକାରୀ ସଭାପତି ଟୁନେସ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ବ୍ଲକରେ ଶ୍ରେଷ୍ଠ ୪ଜଣ ଶ୍ୱେତା ଚେଙ୍ଗୀ, ବିଜୟ ଶୁକ୍ରି, ବିଶ୍ୱଜିତ ଷଡ଼ଙ୍ଗୀ, ପ୍ରତ୍ୟୁଷ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସିବିଏସ୍‌ଇ ବୋର୍ଡ ଦଶମ ଶ୍ରେଣୀର କ୍ଷୀତ କୁମାର ପାତ୍ର, ଓମ୍ ପ୍ରକାଶ ରାଉତ, ଆଦିତ୍ୟ ନାରାୟଣ ଖେମୁଣ୍ଡୁ ଏବଂ ଦ୍ୱାଦଶ ପରୀକ୍ଷାର ସଫଳତା ପାଇଥିବା ଦିବ୍ୟଜ୍ୟୋତି ସାହୁ, ପୁଷ୍ପା ଗୁଣ୍ଡା ଓ ସୃତିରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର, ଏବିଇଓ ଗୁରୁନାଥ ମାଝି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ନନ୍ଦପୁର, ପରଜା ବଡପଡ଼ା, କୁଲାରସିଂ, ହାଟଗୁଡା ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ଦଶମ ବୋର୍ଡ ପରୀକ୍ଷାରେ ବ୍ଲକରେ ଦ୍ୱିତୀୟ ହୋଇଥିବା ପରଜା ବଡପଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ବିଜୟ ସୁକ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ବୈଶାଖୀ ପରିବାର ତରଫରୁ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ଉପସ୍ଥିତ ଅତିଥିଙ୍କ ଜରିଆରେ ୫ହଜାର ଟଙ୍କା ସହାୟତା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ପଣ୍ଡା, ନନ୍ଦପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଳତା ଗରଡ଼ା, ବିରଞ୍ଚି ପଣ୍ଡା, ଲୋକନାଥ ଚୌଧୁରୀ, ନିହାରରଞ୍ଜନ ସାହୁ, ଲିଙ୍ଗରାଜ ଚୌଧୁରୀ, ନନ୍ଦପୁର ପଞ୍ଚାୟତ ପିଇଓ କମଳ ରାଓ ସ୍ମିଥ, ସାମାଜିକ କର୍ମୀ ତ୍ରିନାଥ ପଟ୍ଟନାୟକ, ଖବରଦାତା ଶଙ୍କର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର ସାଂଗଠନିକ ସମ୍ପାଦକ ତ୍ରିନାଥ ଖରା କାର୍ଯ୍ୟକ୍ରମ ପରିଚାଳନା କରଇଥିଲେ। ସଂସଦର ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚିକିତ୍ସା ପାଇଁ ଅର୍ଥ ଆଦାୟକୁ ନେଇ ଉତ୍ତେଜନା

ବୈପାରୀଗୁଡା ପ୍ରାଣୀ ଚିକିତ୍ସା କେନ୍ଦ୍ର

ବୈପାରୀଗୁଡ଼ା, ୨୭।୫(ଡି.ଏନ୍.ଏ.)

ବୈପାରିଗୁଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଗୃହପାଳିତପ୍ରାଣୀଙ୍କ ଚିକିତ୍ସା ପାଇଁ ଅର୍ଥଆଦାୟ କରାଯାଉଥିବା ଅଭିଯୋଗ ଆସିଛି। ଏମିତି ଏକ ଘଟଣାକୁ ନେଇ ଶନିବାର ଚିକିତ୍ସା କେନ୍ଦ୍ର ପରିସରରେ ଉତ୍ତେଜନା ଦେଖାଯାଇଛି।

ବୈପାରିଗୁଡ଼ା ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ ଅଧୀନ ବାସିନିଗୁଡ଼ା ଗ୍ରାମର ଚାଷୀ ନାରଦ ବିଷୋୟୀଙ୍କ ଗାଈର ପେଟ ଫୁଲିଯିବାରୁ ସେ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ହେମକାନ୍ତ ସାହୁ ସେଠାକୁ ଯାଇ ଗାଈକୁ ଏକ ଇଞ୍ଜେକଶନ ଦେଇଥିଲେ। ଏହାପରେ ଡାକ୍ତର ଔଷଧ ବାବଦକୁ ୫ଶହ ଟଙ୍କା ଦାବି କରିଥିବା ନାରଦ ଅଭିଯୋଗ କରିଛନ୍ତି। ଦାବି ମୁତାବକ ୨ ଶହ ଟଙ୍କା ଦେଇ ବଳକା ୩ ଶହ ଟଙ୍କା ଚିକିତ୍ସା କେନ୍ଦ୍ରକୁ ଦେବାକୁ ଆସିଥିଲେ। ଟଙ୍କା ଦେବା ସମୟରେ ନାରଦଙ୍କ ସହ ଯାଇଥିବା ଅନ୍ୟ ଜଣେ ସମ୍ପର୍କୀୟ ଭିଡିଓ ରେକର୍ଡିଂ କରିବାରୁ ଚିକିତ୍ସାଧିକାରୀ ବିରକ୍ତ ହୋଇଥିଲେ। ଡାକ୍ତରଖାନା କର୍ମଚାରୀମାନେ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଯିବା ସହ ନାରଦ ଓ ତାଙ୍କ ସମ୍ପର୍କୀୟଙ୍କୁ ଏକ କୋଠରିରେ ବନ୍ଦ କରିଦେଇଥିଲେ। ଏ ସମ୍ପର୍କରେ ଖବରପାଇ ନାରଦଙ୍କ କେତେଜଣ ସମର୍ଥକ ଘଟଣାସ୍ଥଳକୁ ଯାଇ ପ୍ରତିବାଦକରି ସେମାନଙ୍କୁ ମୁକୁଳାଇଥିଲେ। ଏ ନେଇ ଡାକ୍ତର ସାହୁଙ୍କ ପଚାରିବାରୁ ମେଡିସିନ୍ ବାବଦକୁ ଅର୍ଥ ମାଗିଥିଲି। ମେଡିକାଲରେ କେତେକ ମେଡିସିନ୍ ଉପଲବ୍ଧ ରହୁନାହିଁ। ସେ ସବୁକୁ ବଲାଙ୍ଗୀରରୁ ମଗାଇ ରଖୁଛି। ଆବଶ୍ୟକ ପଡ଼ିଲେ ଚାଷୀଙ୍କ ସହମତିରେ ଟଙ୍କା ନେଇ ବ୍ୟବହାର କରୁଥିବା ସେ କହିଛନ୍ତି। ବ୍ଲକ ଭେଟେରିନାରି ଅଫିସର ଦୀପକ ରଞ୍ଜନ ଚୌଧୁରୀଙ୍କୁ ପଚାରିବାରୁ ସେ ମଧ୍ୟ ଅଧସ୍ତନ କର୍ମଚାରୀଙ୍କୁ ସମର୍ଥନ କରିଛନ୍ତି। ଡାକ୍ତରଖାନାରେ ସବୁ ଔଷଧ ଉପଲବ୍ଧ ନ ଥିବାରୁ ବାହାରୁ ମେଡିସିନ କିଣି ଦିଆଯାଉଛି। ଏଥିରେ କୌଣସି ଦୋଷ ନ ଥିବା ସେ କହିଛନ୍ତି। ମେଡିସିନ ବାହାରେ କିଣିବାକୁ ତାଙ୍କୁ କୁହାଯାଇ ନ ଥିଲା। ଯେଉଁ ଇଞ୍ଜେକସନ୍ ଦିଆଗଲା ତାହା ସରକାରଙ୍କ ଦ୍ୱାରା ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। କିଛିଦିନ ତଳେ ୨ଟି କୁକୁଡ଼ା ଚିକିତ୍ସା ପାଇଁ ମଧ୍ୟ ୫ ଶହ ଟଙ୍କା ଲେଖାଏଁ ଦେଇଥିବା ନାରଦ ଅଭିଯୋଗ କରିଛନ୍ତି।

## ଓକିଲାତି ଛାଡି ତୁଳସୀ ଏବେ ସିକ୍ୟୁରିଟି ଗାର୍ଡ

କରୋନା ସାଜିଲା ବାଧକ

ନବରଙ୍ଗପୁର, ୨୭।୫(ବି.ପ୍ର.)



ଗୋଟିଏ ପଟେ ଅଭାବ ଅନଟନ। ତା' ଉପରେ ଆସିଗଲା କରୋନା। ବାଧହୋଇ ଶେଷରେ ଓକିଲାତି ଛାଡ଼ି ଏକ ଘରୋଇ ସଂସ୍ଥାରେ ସିକ୍ୟୁରିଟି ଗାର୍ଡଭାବେ କାମ କରୁଛନ୍ତି ନବରଙ୍ଗପୁର ଜିଲା ତୋଟାସାହିର ତୁଳସୀ ଦେବୀ(୩୯)।

୨୦୧୭ରେ ତୁଳସୀ ଓକିଲାତି ପାଇଁ ଲାଇସେନ୍ସ ପାଇଲେ। ସରକାରୀ ଓକିଲ ଏନ୍. ଅହମ୍ମଦଙ୍କ ନିକଟରେ ଜୁନିୟରଭାବେ ରହି ସିଭିଲ କେସ୍‌କୁ ପ୍ରାକ୍ଟିସ କଲେ। ନବରଙ୍ଗପୁର ଜିଲା ବାର୍ କାଉନସିଲରେ ମଧ ଜଣେ ସଭ୍ୟା ଭାବେ ରହିଛନ୍ତି। କରୋନା ମହାମାରୀ ସମୟରେ କୋର୍ଟ କାର୍ଯ୍ୟ ଓ ବୃତ୍ତିକୁ ନେଇ ଆର୍ଥିକ ଅନଟନ ଦେଖାଗଲା। ଦୁଇ ପୁଅଙ୍କ ଦେଖାରଖା କରିବା ସହ ନିଜ ରୋଜଗାରକୁ ନେଇ ଚିନ୍ତାରେ ରହିଲେ ତୁଳସୀ। ଏହା ମଧ୍ୟରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଏକ ଘରୋଇ ସଂସ୍ଥା ପକ୍ଷରୁ ସିକ୍ୟୁରିଟି ଗାର୍ଡ ପାଇଁ ପଦବୀ ବାହାରିଲା। ସେ ଏଥିପାଇଁ ଆବେଦନ କରିଥିବା ବେଳେ ଅକ୍ଟୋବର ୨୦୧୯ରେ ତୁଳସୀଙ୍କୁ ନିଯୁକ୍ତି ମିଳିଥିଲା। ଏବେ ସେ ୮ ହଜାର ଟଙ୍କା ଦରମା ପାଉଛନ୍ତି। ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଥିବା ମାଆ ଓ ଶିଶୁ ବିଭାଗରେ ଦୈନିକ ୮ ଘଣ୍ଟା ଡ୍ୟୁଟି କରୁଛନ୍ତି। ସୁଯୋଗ ମିଳିଲେ ପୁଣି ଥରେ ଓକିଲାତିକୁ ଫେରିବେ ବୋଲି ତୁଳସୀ କହିଛନ୍ତି।

## ପୂଜାପାଠ, ନାଚଗୀତରେ ଦୁଲୁକିଲା ଗଡ଼ପଦର

ଭଲ ବର୍ଷା, ଫସଲ ପାଇଁ ବିରିପାଣି ଯାତ୍ରା

ଜୟପୁର, ୨୭।୫ (ନି.ପ୍ର.)



ପାହାଡ ଉପରେ ପୂଜା କରାଯାଉଛି ।

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ଗଡ଼ପଦର ଗ୍ରାମରେ ଶନିବାର ବିରିପାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଲ ବର୍ଷା ଓ ଫସଲ ବିଶ୍ୱାସ ନେଇ ମାଁ ବିରିପାଣିଙ୍କ ଆଦେଶରେ ଏହି ଯାତ୍ରା ପାଳନ କରାଯାଏ। ଗ୍ରାମ ଦିଶାରୀଙ୍କ ଦିନ ଗଣନା ଅନୁଯାୟୀ ଜ୍ୟେଷ୍ଠ ମାସର କୌଣସି ଏକ ଶନିବାର ଏହି ଯାତ୍ରା କରିବାକୁ ସ୍ଥିର ହୋଇଥାଏ। ଚଳିତ ବର୍ଷ ମେ ୨୭ରେ ଏହି ଉତ୍ସବ ପାଳନ କରାଯାଇଛି।

ଉକ୍ତ ଶନିବାର ସକାଳୁ ଆଖପାଖ ୧୦୦ ଖଣ୍ଡ ଗାଁରୁ ଲୋକେ ଛେଳି, କୁକୁଡ଼ା, ମେଣ୍ଢା, ପାରା, ନଡ଼ିଆ, ଲିଆ, ମୁଆଁ, ଫୁଲ, କଦଳୀ ଆଦି ଧରି ଗଡ଼ପଦର ଗ୍ରାମରେ ପହଞ୍ଚିଥିଲେ। ଦେବୀଙ୍କ ମୂଳପୀଠ ବଣ୍ଡାମାଳି ପାହାଡ଼ (ପ୍ରାୟ ୧୨୦୦ ସହ ଫୁଟ ଉଚ୍ଚ)କୁ ହାତରେ ମାଁଙ୍କ ପ୍ରତୀକ ଲାଠି, ବାଜା ଧରି ଭକ୍ତମାନେ ଯାଇଥିଲେ। ଲାଠି ଧାରୀମାନେ ରାସ୍ତାରେ ଯିବା ସମୟରେ ପ୍ରତ୍ୟେକ ୧୦ ମିଟରରେ ଦରରେ ନଡ଼ିଆ, କଦଳୀ, ବୁଦା ପକାଯାଇ ପୂଜା କରାଯାଇଥାଏ। ଏହି ସମୟରେ ରାସ୍ତାରେ ଛୋଟ ଛୋଟ ପିଲାଙ୍କୁ ଗଡ଼ାଯାଇଥାଏ। ଲାଠିଧାରୀମାନେ ପିଲାମାନଙ୍କୁ ଆଶୀର୍ବାଦ ଦେଇଥାନ୍ତି। ଏପରି କଲେ ନୀରୋଗ ରହିବା ସହ ରୋଗରୁ ମୁକ୍ତି ମିଳେ ବୋଲ ବିଶ୍ୱାସ ରହିଛି। ଯାତ୍ରା ପୂର୍ବଦିନରେ ଗ୍ରାମରେ ଲିପାପୋଛା ସହ ମାଁଙ୍କ ମନ୍ଦିରକୁ ସଜାଯାଇଥିଲା। ପାହାଡ଼ ମଝିରେ ଥିବା ଦେବୀଙ୍କ ପୀଠରେ ତିନୋଟି ଗର୍ତ୍ତ ରହିଛି। ସେଠାରେ ବୁଦା ମରାଯିବା ସହ ପୂଜାପାଠ କରାଯାଇଥିଲା। ଉକ୍ତ ତିନୋଟି ଗର୍ତ୍ତରେ ଏକ ପାରା ଛଡ଼ାଯାଏ। ପାରା ଛାଡ଼ିବା ମାତ୍ରେ ପାଣି ବାହାରେ। ଏପରି ହେଲେ ଭଲ ଫସଲ ହେବା ନେଇ ସଙ୍କେତ ମିଳିଥାଏ ବୋଲି ବିଶ୍ୱାସ ଅଛି। ଉକ୍ତ ପାଣିକୁ ଆଣି ମା ବିରିପାଣିଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁ ନେଇଥାନ୍ତି । ଏହି ପାଣି ସେବନ ଦ୍ୱାରା ରୋଗ ଭଲ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ। ମା'ଙ୍କ ନିକଟରେ ମାନସିକଧାରୀ ଭକ୍ତମାନେ ଛେଳି, କୁକୁଡ଼ା ଆଦି ବଳି ଦେଇଥିଲେ। ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ଼ ଜମେ। ଏଠାରେ ଦୋକାନ ବଜାର ମଧ୍ୟ ବସେ। ଯାତ୍ରାରେ ଚଣା, ଖଜା, ମିଠା, ଖେଳନା, ବେଲୁନ, ଯୁବତୀ ଓ ମହିଳାମାନଙ୍କ ବ୍ୟବହୃତ ସାମଗ୍ରୀ ପ୍ରମୁଖ ବିକ୍ରି କରାଯାଇଥିଲା । ଗଡ଼ପଦରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଛି। ବିରିପାଣି ଯାତ୍ରାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ପୂଜା କରି ମା' ଙ୍କ ଆଶିଷ ନେଇଥିଲେ।

